ସାଧାରଣ ଅଧିକାରୀ ସର୍ବୋଚ୍ଚ ସେନାଧ୍ୟକ୍ଷ , ଲକ୍ଷ୍ନୌ ଏବଂ ଅନ୍ୟମାନେ

ବନାମ

ଆର. ପି. ଶୁକ୍ଲା (ମୃତ) ଦାୟାଦଙ୍କ ଜରିଆରେ ଏବଂ ଅନ୍ୟମାନେ

ମେ 22, 2006

[ଡ. ଏ. ଆର. ଲକ୍ଷ୍ମଣନ ଏବଂ ଲୋକେଶ୍ୱର ସିଂ ପନ୍ତ, ନ୍ୟାୟମୂର୍ତ୍ତି]

*ସେବା ଆଇନ:*

*ସେନା ବାହିନୀ- ସ୍ୱଳ୍ପକାଳୀନ ଭିତ୍ତିରେ ନିଯୁକ୍ତ ସଶସ୍ତ୍ର ବାହିନୀ ସିପାହୀ ଏବଂ ହାବିଲଦାର- ମନ୍ଦ ଆଚରଣ- ସରାସରି ସାମରିକ ଅଦାଲତ- ଏକ ବର୍ଷ/ଛଅ ମାସ ପାଇଁ ଆର.ଆଇ.- ଚାକିରୀରୁ ବରଖାସ୍ତ- ସେନା ନିୟମର ଧାରା 180 ର ଅଣ-ଅନୁପାଳନ ଯୋଗୁଁ ଉଚ୍ଚ ନ୍ୟାୟାଳୟଙ୍କ ସମଗ୍ର କାର୍ଯ୍ୟାନୁଷ୍ଠାନ ରଦ୍ଦ କରିବା ଏବଂ ପୁନଃସ୍ଥାପନ ପାଇଁ ନିର୍ଦ୍ଦେଶ ଦେବା- କୁହାଗଲା, ଉଚ୍ଚ ନ୍ୟାୟାଳୟର ଏହି ସିଦ୍ଧାନ୍ତ ଯେ ଧାରା 180 ପାଳନ କରାଯାଇନଥିଲା, ବାସ୍ତବରେ ଠିକ୍ ନୁହେଁ- ଗୁଣବତ୍ତା ଦୃଷ୍ଟିରୁ, ଅପରାଧୀମାନଙ୍କ ବିରୁଦ୍ଧରେ ଅଭିଯୋଗ ଗମ୍ଭୀର ଏବଂ ଗୁରୁତର ପ୍ରକୃତିର ହୋଇଥିବାରୁ, ନ୍ୟାୟାଳୟର ବିବେକକୁ ବାଧା ଦେବାକୁ ପ୍ରଦତ୍ତ ଦଣ୍ଡ ଅସମାନୁପାତୀ କିମ୍ବା ଅତ୍ୟଧିକ ପ୍ରକୃତିର ନୁହେଁ- ସେମାନଙ୍କ ନିଯୁକ୍ତିର ଅବଧି ସମାପ୍ତ ହୋଇସାରିଥିବାରୁ, ସେମାନଙ୍କୁ ସେବାରେ ପୁନଃସ୍ଥାପିତ କରାଯାଇପାରିଲା ନାହିଁ- କମାଣ୍ଡିଂ, ଟ୍ରୁପ୍ ଅଧିକାରୀ, ସି.ଓ.ଡି. ଙ୍କ ଦ୍ୱାରା ପାରିତ ଆଦେଶକୁ ସୁନିଶ୍ଚିତ କରାଯାଇଛି- ସେନା ନିୟମାବଳୀ- ନିୟମ 180.*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 4022/1998

ବିବିଧ ଆବେଦନ ସଂଖ୍ୟା 2611/1992 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ତା 4.1.1996 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ତରଫରୁ ଏ. ସରନ, ଏ.ଏସ.ଜି., ତାଙ୍କ ସହିତ ଏସ. ୱାସିମ, ଏ. କାଦରୀ ଏବଂ ଶ୍ରୀମତୀ ଅନୀଲ କଟିୟାର, ଅଧିବକ୍ତାଗଣ ।

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା:

ଆଦେଶ

ମଧ୍ୟପ୍ରଦେଶର ଉଚ୍ଚ ନ୍ୟାୟାଳୟ, ଜବଲପୁରଙ୍କ ଦ୍ୱାରା ବିବିଧ ଆବେଦନ ସଂଖ୍ୟା 2611/1992 ରେ ପାରିତ ତା 04.01.1996 ରିଖର ରାୟ ତଥା ଆଦେଶ ବିରୁଦ୍ଧରେ ବର୍ତ୍ତମାନର ଦେୱାନୀ ଆବେଦନଟି ନିର୍ଦ୍ଦେଶିତ ହୋଇଛି ।

ଆମ୍ଭେ ଆବେଦନକାରୀମାନଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଏ.ଏସ.ଜି., ଶ୍ରୀ ଏ. ଶରଣଙ୍କୁ ଶୁଣିସାରିଛୁ ।

ଏହି ନ୍ୟାୟାଳୟରେ ଏହି ଆବେଦନର ବିଚାରାଧୀନତା କାଳରେ ପ୍ରଥମ ପ୍ରତିବାଦୀଙ୍କ ମୃତ୍ୟୁ ଘଟିଥିଲା । ଯଦିଓ ତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଆଇ.ଏ. ସଂଖ୍ୟା 2 ରେ ନ୍ୟାୟାଳୟଙ୍କ ତା 20.04.2006 ରିଖ ଆଦେଶ ଦ୍ୱାରା

ଅନ୍ତର୍ଭୁକ୍ତ କରାଯାଇଥିଲା, ସେମାନଙ୍କ ତରଫରୁ କୌଣସି ପ୍ରତ୍ୟୁତ୍ତୋର ନାହିଁ । ପ୍ରତିବାଦୀ ସଂଖ୍ୟା 1(i), (ii), 2 ଏବଂ 3 ଙ୍କ ଉପରେ ମଧ୍ୟ ବିଜ୍ଞପ୍ତି ଜାରି କରାଯାଇଛି । ଜାରି ସତ୍ତ୍ୱେ, ଉକ୍ତ ପ୍ରତିବାଦୀମାନଙ୍କ ପାଇଁ କେହି ହାଜର ହେଉନାହାଁନ୍ତି ।

ପ୍ରତିବାଦୀମାନେ ଜବଲପୁରର କମାଡିଙ୍ଗ ଟ୍ରୁପ୍ସ୍ ଅଧିକାରୀ, ସି.ଓ.ଡି. ଙ୍କ ତା 18.04.1992 ରିଖ ଆଦେଶ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେମାନଙ୍କୁ ଏକ ବର୍ଷ ପାଇଁ ଆର.ଆଇ. ଦଣ୍ଡାଦେଶ ଦିଆଯାଇଥିଲା ଏବଂ ଚାକିରୀରୁ ବରଖାସ୍ତ କରାଯାଇଥିଲା । ଏହା ପ୍ରତିବାଦୀ ସଂଖ୍ୟା 1 ଙ୍କ ସମ୍ବନ୍ଧରେ ଥିଲା । ପ୍ରତିବାଦୀ ସଂଖ୍ୟା 2 ଏବଂ 3 କ୍ଷେତ୍ରରେ, ପ୍ରତ୍ୟେକଙ୍କୁ ଛଅ ମାସ ପାଇଁ ଆର.ଆଇ. ଦଣ୍ଡାଦେଶ ଦିଆଯାଇଥିଲା ଏବଂ ଚାକିରୀରୁ ବରଖାସ୍ତ ମଧ୍ୟ କରାଯାଇଥିଲା । ତିନିଜଣ ପ୍ରତିବାଦୀ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅଧୀନରେ ବିବିଧ ଆବେଦନ ସଂଖ୍ୟା 2611/1992 ଭାବରେ ରିଟ ଆବେଦନ ମାଧ୍ୟମରେ 05.08.1992 ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ, ଏହି ଅଭିଯୋଗ ସହିତ ଯେ ଆବେଦନକାରୀ ରିଟ ଆବେଦନ ଦାଖଲ କରିବା ତାରିଖ ପର୍ଯ୍ୟନ୍ତ ଆବେଦନ ଉପରେ ନିଷ୍ପତ୍ତି ନେଇ ନାହାଁନ୍ତି । ତେବେ, ରିଟ ଆବେଦନର ବିଚାରଧୀନତା ସମୟରେ, ପ୍ରତିବାଦୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଏଠାରେ ଆବେଦନକାରୀ ସଂଖ୍ୟା 1 ଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା । ଆବେଦନକାରୀମାନେ ସରାସରି ସାମରିକ ଅଦାଲତର କାର୍ଯ୍ୟାନୁଷ୍ଠାନର ବୈଧତା ଏବଂ ବିଧି ମାନ୍ୟତାକୁ ଏବଂ ବିଭିନ୍ନ ଆଧାରରେ ସରାସରି ସାମରିକ ଅଦାଲତ ଦ୍ୱାରା ଦଣ୍ଡାଦେଶ ପ୍ରଦାନକୁ ଆପତ୍ତି କରିଥିଲେ । ଆବେଦନକାରୀମାନେ ଏକ ବିସ୍ତୃତ ସତ୍ୟପାଠ ଦ୍ୱାରା ଉକ୍ତ ରିଟ ଆବେଦନକୁ ବିରୋଧ କରିଥିଲେ ।

ଉଚ୍ଚ ନ୍ୟାୟାଳୟ ତାଙ୍କ ତା 04.01.1996 ରିଖର ରାୟ ମାଧ୍ୟମରେ ସେନା ନିୟମ 180 ପାଳନ ନ କରିବା ଆଧାରରେ ରିଟ ଆବେଦନକୁ ଅନୁମତି ଦେଇଥିଲେ ଏବଂ ତଦନୁସାରେ ତା 09.04.1992 ରିଖର ଆରୋପପତ୍ର ସମେତ ସରାସରି ସାମରିକ ଅଦାଲତର ସମଗ୍ର କାର୍ଯ୍ୟାନୁଷ୍ଠାନକୁ ଖାରଜ କରି ଦେଇଥିଲେ ଏବଂ ଏଥିରେ ପ୍ରତିବାଦୀମାନଙ୍କୁ ଦିଆଯାଇଥିବା ଦଣ୍ଡକୁ ବାତିଲ କରିବା ସହିତ ଆହୁରି ଏକ ନିର୍ଦ୍ଦେଶ ଦେଲେ ଯେ ସେମାନେ ସେବାରେ ପୁନଃସ୍ଥାପିତ ହେବାକୁ ଅଧିକାରୀ ହେବେ । ଉପରୋକ୍ତ ରାୟ ଦ୍ୱାରା ବ୍ୟଥିତ ହୋଇ, ଆବେଦନକାରୀ ଏହି ନ୍ୟାୟାଳୟରେ ବର୍ତ୍ତମାନର ଆବେଦନକୁ ଚୟନ କରିଛନ୍ତି ।

ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ରାୟ ଏବଂ ଏସ.ଏଲ.ପି. ର ଆଧାର ଏବଂ ରିଟ ଆବେଦନ ସହିତ ଦାଖଲ ହୋଇଥିବା ଅନ୍ୟାନ୍ୟ ସଂଲଗ୍ନକ ଏବଂ ଏହି ଆବେଦନକୁ ମଧ୍ୟ ଅନୁଧ୍ୟାନ କରିଛୁ । ଏଠାରେ ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ଥିବା ଶ୍ରୀମାନ ଏ.ଏସ.ଜି. ଙ୍କୁ ମଧ୍ୟ ଆମ୍ଭେ ଶୁଣିଛୁ । ଯେହେତୁ ସେନା ନିୟମ 180 କୁ କଡାକଡି ଭାବେ ପାଳନ କରାଯାଇନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ରିଟ ଆବେଦନର ଫଏସଲା କରିଛନ୍ତି, ତେଣୁ ଆମ୍ଭେ ସେନା ନିୟମ 180 ପାଳନ କରାଯାଇଛି କି ନାହିଁ ସେ ବିଷୟରେ ଆମ୍ଭଙ୍କୁ ସନ୍ତୁଷ୍ଟ କରିବା ପାଇଁ ତଦନ୍ତ ଏବଂ ଅନ୍ୟାନ୍ୟ ସମବର୍ଗୀ କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ମୂଳ ନଥିପତ୍ର ଆମ୍ଭ ସମ୍ମୁଖରେ ରଖିବାକୁ ଆମ୍ଭେ ଶ୍ରୀମାନ ଏ.ଏସ.ଜି. ଙ୍କୁ ଆଦେଶ ଦେଇଛୁ । ସମସ୍ତ ନଥିପତ୍ର ଆମ୍ଭ ସମ୍ମୁଖରେ ରଖାଯାଇଛି ଏବଂ ଆମ୍ଭେ ଏହାକୁ ଅନୁଧ୍ୟାନ କରିଛୁ । ସମଗ୍ର ନଥିପତ୍ରର ଅବଲୋକନରୁ ସ୍ପଷ୍ଟ ଜଣାପଡ଼ିବ ଯେ ତଦନ୍ତକାରୀ ନ୍ୟାୟାଳୟ ସେନା ନିୟମ 180 କୁ କଡାକଡି ଭାବେ ପାଳନ ଏବଂ ଅନୁପାଳନ କରିଛନ୍ତି । ତେଣୁ ସେନା ନିୟମ 180 ପାଳନ କରାଯାଇନଥିବା ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ବାସ୍ତବରେ ଠିକ୍ ନୁହେଁ ଏବଂ ତେଣୁ ଆମ୍ଭ ପାଖରେ ଉଚ୍ଚ

ନ୍ୟାୟାଳୟଙ୍କ ରାୟକୁ ବାତିଲ କରିବା ଏବଂ ଜବଲପୁରର କମାଣ୍ଡିଂ ଟ୍ରୁପ୍ସ ଅଧିକାରୀ, ସି.ଓ.ଡି. ଙ୍କ ଦ୍ୱାରା ପାରିତ ଆଦେଶକୁ ସୁନିଶ୍ଚିତ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ।

ଏଠାରେ ପ୍ରତିବାଦୀମାନଙ୍କ ବିରୋଧରେ ଆରୋପିତ କରାଯାଇଥିବା ମନ୍ଦ ଆଚରଣ ଆରୋପକୁ ମଧ୍ୟ ଆମ୍ଭେ ଅନୁଧ୍ୟାନ କରିଛୁ । ଅଭିଯୋଗଗୁଡ଼ିକ ଅତ୍ୟନ୍ତ ଗମ୍ଭୀର ଏବଂ ଗୁରୁତର ପ୍ରକୃତିର । ଅଭିଯୋଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଆମ୍ଭର ମତ ଏହିକି ଯେ ପ୍ରତିବାଦୀମାନଙ୍କୁ ଦିଆଯାଇଥିବା ଦଣ୍ଡ ଏହି ନ୍ୟାୟାଳୟର ବିବେକକୁ ବାଧା ଦେବାକୁ ଅସମାନୁପାତୀ କିମ୍ବା ଅତ୍ୟଧିକ ପ୍ରକୃତିର ନୁହେଁ । ତେଣୁ, ଆମ୍ଭେ ଜବଲପୁରର କମାଣ୍ଡିଂ, ଟ୍ରୁପ୍ସ ଅଧିକାରୀ, ସି.ଓ.ଡି. ଙ୍କ ଦ୍ୱାରା ଆର.ଆଇ. ଙ୍କ ଦଣ୍ଡବିଧାନ ଏବଂ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ସେମାନଙ୍କର ତିନିଜଣ ପ୍ରତିବାଦୀଙ୍କୁ ଚାକିରିରୁ ବରଖାସ୍ତ କରିବା ଆଦେଶକୁ ସୁନିଶ୍ଚିତ କରୁଛୁ ଯାହା ସେମାନେ ପାଇବାକୁ ଯୋଗ୍ୟ ଥିଲେ ।

ଆବେଦନକାରୀମାନଙ୍କ ଦ୍ୱାରା ଆବେଦନର ଶୁଣାଣୀ ପାଇଁ ତ୍ୱରିତ ଶୁଣାଣୀ ତାରିଖ ସ୍ଥିର କରିବାକୁ ଦାଖଲ କରାଯାଇଥିବା ଆବେଦନରୁ ଏହା ମଧ୍ୟ ଦେଖାଯାଏ, ଉକ୍ତ ଆବେଦନରେ ପ୍ରତିବାଦୀମାନଙ୍କର ସେବା ଅବଧି ସମ୍ବନ୍ଧରେ କିଛି ନିର୍ଦ୍ଦିଷ୍ଟ ବିବରଣୀ ମଧ୍ୟ ଦିଆଯାଇଛି ଯାହା ନିମ୍ନରେ ପ୍ରଦତ୍ତ:-

| "ସେନା ସଂଖ୍ୟା ପାହ୍ୟା ଏବଂ ନାମ | ଡିଏସସିରେ ପଞ୍ଜୀକରଣ ତାରିଖ | ବରଖାସ୍ତ ତାରିଖ | ଯଦି ପ୍ରତ୍ୟାଖ୍ୟାନ ନ ହୁଏ, ତେବେ ନିଯୁକ୍ତିର ଅବଧି ସମାପନର ତାରିଖ |
|---|---|---|---|
| 7086847 ଇ.ଏସ./ହାବିଲଦାର ଆର. ପି. ଶୁକ୍ଲା | 11 ଜୁଲାଇ 83 | 18 ଏପ୍ରିଲ 92 | 21 ଜୁଲାଇ 93 |
| 10243832 ପୂର୍ବତନ-ସିପାହୀ ପତି ରାମ ବାଲ୍ମିକୀ | 7 ଜୁଲାଇ 84 | 18 ଏପ୍ରିଲ 92 | 6 ଜୁଲାଇ 94 |
| 13843278 ପୂର୍ବତନ-ସିପାହୀ ମୋହନ ଲାଲ | 26 ଜୁଲାଇ 90 | 18 ଏପ୍ରିଲ 92 | 25 ଜୁଲାଇ 95" |

ଏହା ଉପସ୍ଥାପିତ ହୋଇଛି ଯେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତା 04.01.1996 ରିଖର ପୁନଃସ୍ଥାପନ ଆଦେଶ ପାରିତ ହେବାର ବହୁ ପୂର୍ବରୁ ସମସ୍ତ ପ୍ରତିବାଦୀମାନଙ୍କ ବିଦ୍ୟମାନ କାର୍ଯ୍ୟକାଳ ସମାପ୍ତ ହୋଇସାରିଛି । ଯେହେତୁ ସମସ୍ତ ତିନିଜଣ ପ୍ରତିବାଦୀମାନଙ୍କ ନିଯୁକ୍ତିର ଅବଧି ସମାପ୍ତ ହୋଇସାରିଛି; ସେମାନଙ୍କୁ ମଧ୍ୟ ସେବାରେ ପୁନଃସ୍ଥାପିତ କରାଯାଇପାରିବ ନାହିଁ । ଏହା କୁହାଯାଇଛି ଯେ ପ୍ରତିବାଦୀମାନେ ସ୍ୱଳ୍ପକାଳୀନ ଭିତ୍ତିରେ ଚାକିରିରେ ନିଯୁକ୍ତ ହୋଇଥିଲେ, ସେମାନଙ୍କର ନିଯୁକ୍ତି ଅବଧି 25 ସେପ୍ଟେମ୍ବର 1995 ରେ ସମାପ୍ତ ହୋଇଥିଲା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ତା 4 ଜାନୁଆରୀ, 1996 ରିଖ ରାୟ ଦ୍ୱାରା ଆସିଥିଲେ । ଏହି ଆଧାର ଉପରେ ମଧ୍ୟ, ପ୍ରତିବାଦୀମାନଙ୍କ ପାଖରେ କୌଣସି ମାମଲା ନାହିଁ ।

ଉପରୋକ୍ତ ସମସ୍ତ କାରଣଗୁଡ଼ିକ ଯୋଗୁଁ, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବାତିଲ କରୁଛୁ ଯାହା ଏହି ଆବେଦନରେ ଆକ୍ଷେପିତ । ଫଳସ୍ୱରୂପ, ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦିଆଯାଇଛି । ତେବେ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଯେପରି ପୂର୍ବରୁ ଲକ୍ଷ୍ୟ କରାଯାଇଛି, ଉଚ୍ଚ ନ୍ୟାୟାଳୟ କେବଳ ସେନା ନିୟମ 180 ପାଳନ ନ କରିବା ଆଧାରରେ ଏହି ମାମଲାର ଫଏସଲା କରିଛନ୍ତି । ଆମ୍ଭ ସମ୍ମୁଖରେ ଶୁଣାଣୀ ସମୟରେ, ସମଗ୍ର ନଥିପତ୍ର ଆମ୍ଭ ସମ୍ମୁଖରେ ରଖାଯାଇଥିଲା ଏବଂ ଆମ୍ଭେ ଏହାକୁ ଅନୁଧ୍ୟାନ କରିଛୁ । ତେଣୁ, ଆମ୍ଭେ ସମଗ୍ର ମାମଲାକୁ ଗୁଣବତ୍ତା ଆଧାରରେ ବିଚାର କରିବାକୁ ନିଷ୍ପତ୍ତି ନେଇଥିଲୁ ଏବଂ ତଦନୁସାରେ ଉପରୋକ୍ତ ଆବେଦନକୁ ଅନୁମତି ଦେଲୁ ।

ଆର. ପି.

ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**